ଭାଷା ଓ ସାକ୍ଷରତା

TESS India

# ବାସ୍ତବ ଲିଖନ
# Authentic writing





ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

CC BY SA

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ୍-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି । ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ । ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ୍ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦ ଭାଷା ଓ ସାକ୍ଷରତା ୦୯ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡ଼ିଶା
Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଶ୍ରୀ ଦୁର୍ଯ୍ୟୋଧନ ଦାସ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org/ licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।

*TESS-India is led by The Open University UK and funded by UK aid from the UK government*

## ଏହି ଏକକରେ କ'ଣ ଅଛି

ଏହି ଏକକରେ ଆପଣ ଉଦ୍ଦେଶ୍ୟପୂର୍ଣ୍ଣ, ଉପଭୋଗ୍ୟ ତଥା ବାସ୍ତବ ଲିଖନ କାର୍ଯ୍ୟଗୁଡିକୁ ଶ୍ରେଣୀରେ ସନ୍ନିବେଶିତ କରିବାରେ ନିଜକୁ କେନ୍ଦ୍ରୀଭୂତ କରିବେ । ଯଦ୍ୱାରା ଆପଣ ଶିକ୍ଷାର୍ଥୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଲିଖନ କୌଶଳର ବିକାଶ ପାଇଁ ଅଭିପ୍ରେରିତ କରିପାରିବେ । ଏତଦ୍‌ବ୍ୟତୀତ ଆପଣ ବିଷୟବସ୍ତୁ ସଂଗଠନ ଓ ପୁନଃଲିଖନ ମଧ୍ୟରେ ଥିବା ପାର୍ଥକ୍ୟକୁ ବିଚାର କରିବେ, ଲିଖନ କୈନ୍ଦ୍ରିକ ବିସ୍ତୃତ ପାଠଯୋଜନା ପ୍ରସ୍ତୁତ କରିବେ ଓ ଅଂଶଗ୍ରହଣକାରୀ ସହଭାଗୀ ଲିଖନର ପ୍ରାକ୍ ପରୀକ୍ଷଣ ଶିକ୍ଷାର୍ଥୀମାନଙ୍କ ସହ କରିବେ ।

## ଏହି ଏକକରୁ କ'ଣ ଶିଖିବେ

- ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଲିଖନର ବାସ୍ତବ ଶ୍ରୋତା ଓ ଉଦ୍ଦେଶ୍ୟ ସମୂହର ଚିହ୍ନଟ ।
- ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ଲିଖନ ପାଠରେ ବିଷୟବସ୍ତୁ ସଂଗଠନ ଓ ପୁନଃଲିଖନ ମଧ୍ୟରେ ସମତା ।
- ପାରସ୍ପରିକ ଓ ସମାଜନିଷ୍ଠ ଶିକ୍ଷଣକୁ ଉତ୍ସାହିତ କରୁଥିବା ଲିଖନ କାର୍ଯ୍ୟ ସମୂହର ଯୋଜନା ପ୍ରସ୍ତୁତି ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ସର୍ବଦା ଲିଖନର ଜଣେ ଶ୍ରୋତା ଥାଏ । ଏପରିକି ଲେଖିଥିବା ବ୍ୟକ୍ତିଟି ମଧ୍ୟ ନିଜେ ଶ୍ରୋତା ହୋଇପାରେ । ସେହିପରି ପ୍ରତ୍ୟେକ ଲେଖାଟିର ଗୋଟିଏ ଉଦ୍ଦେଶ୍ୟ ଥାଏ । ଏପରିକି ବଜାରରୁ ଚାଉଳ କିଣିବା ପାଇଁ ଏକ ମନେପକାଇବା ଚିଠା ମଧ୍ୟ ହୋଇପାରେ । ବେଳେବେଳେ ବିଦ୍ୟାଳୟ ମାନଙ୍କରେ ଲିଖନ କାର୍ଯ୍ୟଗୁଡ଼ିକର ବାସ୍ତବ ଶ୍ରୋତା ଓ ଉଦ୍ଦେଶ୍ୟର ଅଭାବ ଥାଏ । ବିଶେଷତଃ ଯେତେବେଳେ ଏହା ଯନ୍ତ୍ରବିତ୍ ଭାବେ କାର୍ଯ୍ୟରୂପରେ ଶ୍ରେଣୀଗୃହରେ ଉପସ୍ଥାପିତ ହୋଇଥାଏ । ଯଦି ସାଧାରଣ ଅକ୍ଷର ଲିଖନ କାର୍ଯ୍ୟମାନ ବାସ୍ତବ ନ ହୁଏ, ତେବେ ଶିକ୍ଷାର୍ଥୀମାନେ ଏହାକୁ ସଂପୂର୍ଣ୍ଣ ରୂପେ ପସନ୍ଦ କରିବେ ନାହିଁ । ବାସ୍ତବ ଜୀବନରେ ମଧ ଏହା ସେମାନଙ୍କର ଉପଭୋଗ୍ୟ ହୋଇପାରିବ ନାହିଁ ।

ଲିଖନ ବିକାଶର ଦୁଇଟି ଉପାଦାନ ରହିଛି: ବିଷୟବସ୍ତୁ ସଂଗଠନ ଓ ପୁନଃଲିଖନ ।

- ଲେଖକଙ୍କର ଭୂମିକା ଭାବରେ ବିଷୟବସ୍ତୁର ସଂଗଠନକୁ ବିଚାରକୁ ନିଆଯାଇପାରେ । କାରଣ ଲେଖାଟିକୁ କିଏ ପଢିବ (ଶ୍ରୋତା), ଲେଖାଟିର ଇପସିତ୍ ଉପଲବ୍ଧି ବିକାଶ (ଉଦ୍ଦେଶ୍ୟ), ଧାରଣାର ସୃଷ୍ଟି ଓ ସଂଗଠନ ତଥା ଭାଷା ବ୍ୟବହାରର ଢାଞ୍ଚା ପସନ୍ଦ କରିବା ଆଦି ଏଥିରୁ ଜାଣି ହୋଇଥାଏ ।
- ସଂପାଦକଙ୍କ ଭୂମିକା ଭାବରେ ପୁନଃ ଲିଖନକୁ ବିଚାର କରାଯାଇପାରେ । କାରଣ ଲେଖାର ସ୍ୱଷ୍ଟତା, ବନାନର ଶୁଦ୍ଧତା, ବିରାମ ଚିହ୍ନ ବ୍ୟବହାରର ସଠିକତା ଓ ବିଷୟର ନକ୍ସା ପ୍ରସ୍ତୁତିର ପ୍ରାସଂଗିକତା ଆଦି ଏଥିରୁ ନିଶ୍ଚିତ କରି ହୋଇଥାଏ ।

ସାଧାରଣତଃ ଶିକ୍ଷକମାନେ ସେମାନଙ୍କ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟର ପୁନଃଲିଖନ ଉପାଦାନ ଉପରେ ପ୍ରାଥମିକ ଭାବରେ ଗୁରୁତ୍ୱ ଦେଇଥାନ୍ତି ଓ ଏଥିପାଇଁ ସେମାନେ ଅଧିକ ସମୟ ଦେଇ ବୁଝାଇଥାନ୍ତି ଓ ସଂଶୋଧନ କରିଥାନ୍ତି । ତେବେ ଏ ଦୁଇଟି ମଧ୍ୟରୁ ପୁନଃ ଲିଖନ ଉପରେ ପାରଦର୍ଶିତା ହାସଲ କରିବା ଶିକ୍ଷାର୍ଥୀମାନଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ କୌଶଳ ଅଟେ ।

ଯେତେବେଳେ ଆପଣଙ୍କ ଶିକ୍ଷାର୍ଥୀମାନେ ଲିଖିତ ଭାବରେ ବିଷୟବସ୍ତୁ ସଂଗଠନ କରୁଛନ୍ତି, ଏହା ସେମାନଙ୍କୁ ଅଭିପ୍ରେରିତ ଓ ଆଗ୍ରହାନ୍ୱିତ କରିଥାଏ । ସେହିପରି କୁହାଯାଇପାରେ ଯେତେବେଳେ ସେମାନେ ଲେଖକୀୟ କୌଶଳର ବିକାଶ କରୁଛନ୍ତି ସେମାନେ ମଧ୍ୟ ହସ୍ତାକ୍ଷର, ବନାନ, ବିରାମ ଚିହ୍ନ, ଅନୁଛେଦ ଭଳି ସଂପାଦକୀୟ କୌଶଳ ଆଦିର ଅଭ୍ୟାସ ମଧ୍ୟ କରୁଥିବେ । ଏହି ଦୃଷ୍ଟିରୁ ଅଧିକ ବାସ୍ତବ ବିଷୟବସ୍ତୁ ସଂଗଠନ କାର୍ଯ୍ୟମାନଙ୍କର ଉପସ୍ଥାପନ ହେବା ଆବଶ୍ୟକ ଯାହାଦ୍ୱାରା ଶିକ୍ଷାର୍ଥୀମାନେ ଅର୍ଥପୂର୍ଣ୍ଣ ପାଠ୍ୟ ବିଷୟବସ୍ତୁର ସ୍ୱାଧୀନ ଲେଖକ ହୋଇପାରିବେ ।

# ୧ ବାସ୍ତବ ଜଗତରେ ଲିଖନ

## ଶିକ୍ଷଣକାର୍ଯ୍ୟ-୧ : ବାସ୍ତବ ଜଗତରେ ଲିଖନ

ଆପଣଙ୍କ ବିଦ୍ୟାଳୟ ଓ ଗୋଷ୍ଠୀ ଚାରିପାଖରେ ଆପଣ କି କି ପ୍ରକାର ଲେଖାମାନ ପାଇପାରିବେ ? ନିଜର ଜଣେ ସହକର୍ମୀଙ୍କ ସହ ଆପଣ କିଛି ସମୟ ନେଇ ଏ ସବୁ ଗୁଡ଼ିକର ଏକ ତାଲିକା ପ୍ରସ୍ତୁତ କରନ୍ତୁ । ଉଦାହରଣ ଭାବରେ ଆପଣଙ୍କ ଲେଖାରେ ଆପଣ ଯୋଡ଼ିପାରିବେ-

- ଟ୍ରାଫିକ୍ ଚିହ୍ନ
- ବିଜ୍ଞାପନ
- ସମୟ ନିର୍ଘଣ୍ଟ
- ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୋଷ୍ଟର
- ରାଜନୈତିକ ସ୍ଲୋଗାନ
- କ୍ୟାଲେଣ୍ଡର
- ଧର୍ମଭିତ୍ତିକ ପାଠ ବିଷୟ
- ପତ୍ରିକା
- ସମ୍ବାଦପତ୍ର
- ପୁସ୍ତକ
- ଚଳଚିତ୍ର ପୋଷ୍ଟର
- ବିଦ୍ୟାଳୟ ବିଜ୍ଞାପନ
- ବିଷୟଚାର୍ଟ
- ଉପସ୍ଥାପନ ଚାର୍ଟ

| ବାରର ନାମ | ମଧ୍ୟାହ୍ନ ଭୋଜନ ଖାଦ୍ୟ ତାଲିକା |
|---|---|
| ସୋମବାର ଓ ଗୁରୁବାର | ୧୫୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ, ୩୦ ଗ୍ରାମ ଡାଲି, ୫ ଗ୍ରାମ ତେଲ, ୧୦୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ଡାଲମା |
| ମଙ୍ଗଳବାର ଓ ଶୁକ୍ରବାର | ୧୫୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ, ୨୦ ଗ୍ରାମ ସୋୟାବିନ୍, ୫ ଗ୍ରାମ ତେଲ, ୧୦୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ସୋୟାବିନ ତରକାରୀ |
| ବୁଧବାର ଓ ଶନିବାର | ୧୫୦ ଗ୍ରାମ ଚାଉଳରେ ପ୍ରସ୍ତୁତ ଭାତ, ୧ଟି ଅଣ୍ଡା, ୫ ଗ୍ରାମ ତେଲ, ୧୦୦ ଗ୍ରାମ ପନିପରିବାରେ ପ୍ରସ୍ତୁତ ଅଣ୍ଡା ତରକାରୀ |

**ଚିତ୍ର -୧** ଗୋଟିଏ ବିଦ୍ୟାଳୟ ମଧ୍ୟାହ୍ନ ଭୋଜନ ଖାଦ୍ୟ ତାଲିକା

ବର୍ତ୍ତମାନ ଦିଆଯାଇଥିବା ଦୁଇଟି ପ୍ରଶ୍ନସେଟର ଉତ୍ତର ଦିଅନ୍ତୁ ।

- **ସେଟ୍ -୧ :**
  - ଆପଣଙ୍କ ଶିକ୍ଷାର୍ଥୀମାନେ ସେମାନଙ୍କ ଘରେ ଓ ଗୋଷ୍ଠୀରେ କି ପ୍ରକାର ଲେଖା ଦେଖନ୍ତି ବୋଲି ଆପଣ ଭାବୁଛନ୍ତି ?
  - ଏହି ଲେଖାର ଇପସିତ୍ ଶ୍ରୋତା କିଏ ଅଟନ୍ତି ?
  - ଏହି ଲେଖାର ଉଦ୍ଦେଶ୍ୟ କ'ଣ ?
- **ସେଟ୍-୨**
  - ଆପଣଙ୍କ ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ କି ପ୍ରକାର ଲେଖା ଲେଖନ୍ତି ?
  - ଏହି ଲେଖାର ଇପସିତ୍ ଶ୍ରୋତା କିଏ ଅଟନ୍ତି ?
  - ଏହି ଲେଖାର ଉଦ୍ଦେଶ୍ୟ କ'ଣ ?

ଆପଣଙ୍କ ଶିକ୍ଷାର୍ଥୀମାନେ ବିଦ୍ୟାଳୟ ବାହାରେ ଦେଖୁଥିବା ଲେଖା ଓ ସେମାନେ ବିଦ୍ୟାଳୟରେ ଲେଖୁଥିବା ଲେଖା ମଧ୍ୟରେ କିଛି ସାମଞ୍ଜସ୍ୟ ଅଛି କି ? ହଁ /ନାଁ, କିପରି ?

ପରିସ୍ଥିତି ଅନୁଧ୍ୟାନ-୧ ରେ ଆପଣ ବାସ୍ତବ ଜୀବନର ଲେଖାକୁ ଶ୍ରେଣୀଗୃହକୁ ଆଣିଥିବା ଜଣେ ଶିକ୍ଷୟିତ୍ରୀଙ୍କ ବିଷୟରେ ପଢ଼ିବେ ।

## ପରିସ୍ଥିତି ଅନୁଧ୍ୟାନ ୧ : ପୋଷ୍ଟକାର୍ଡ ଲିଖନ

ଶ୍ରୀମତୀ ସୁଷମା ଭୁବନେଶ୍ୱରର ଏକ ବିଦ୍ୟାଳୟର ୫ମ ଶ୍ରେଣୀରେ ଶିକ୍ଷାଦାନ କରନ୍ତି । ସେ ନିଜର ଛୋଟ ଛୋଟ ଶିକ୍ଷାର୍ଥୀମାନଙ୍କ ସହ କରିଥିବା ସହଜ ଲିଖନ କାର୍ଯ୍ୟ ବିଷୟରେ ଏଠାରେ ବର୍ଣ୍ଣନା କରିଛନ୍ତି ।

ଗ୍ରୀଷ୍ମ ଅପକାଶ ପୂର୍ବରୁ ଦିଲ୍ଲୀ ବୁଲିଯାଇଥିବା ଜଣେ ସାଙ୍ଗ ଠାରୁ ମୁଁ ଗୋଟିଏ ପୋଷ୍ଟକାର୍ଡ଼ ପାଇଲି । ମୋ ଶିକ୍ଷାର୍ଥୀମାନଙ୍କୁ ଦେଖାଇବା ପାଇଁ ମୁଁ ଏହାକୁ ଶ୍ରେଣୀଗୃହକୁ ଆଣିଲି । ଏହାର ସମ୍ମୁଖରେ ଥିବା ଲାଲ୍‌କିଲ୍ଲାର ଛବି ଓ ପଛପାଖରେ ଥିବା ମୋ ସାଙ୍ଗର ବାର୍ତ୍ତା ଦେଖି ସେମାନେ ବ୍ୟଗ୍ର ହୋଇପଡ଼ିଲେ ।

ମୋ ଶିକ୍ଷାର୍ଥୀମାନଙ୍କର ପୋଷ୍ଟକାର୍ଡ଼ରେ ଆଗ୍ରହ ବିକାଶ ପାଇଁ ଏକ ପାଠ ଯୋଜନା ପ୍ରସ୍ତୁତ କରିବାକୁ ସ୍ଥିର କଲି । ଧଳା ମୋଟା କାର୍ଡକୁ ଚାରିକୋଣିଆ ଖଣ୍ଡରେ କାଟି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଗୋଟିଏ ଲେଖାଏଁ ଖଣ୍ଡ ଦେଲି । ଏହା ପରେ କାର୍ଡ଼ ଖଣ୍ଡର ଗୋଟିଏ ପାଖରେ ସେମାନଙ୍କର ଇଚ୍ଛା ଅନୁଯାୟୀ ଗୋଟିଏ ଚିତ୍ର ଆଙ୍କିବାକୁ କହିଲି ଯାହା ପରିଚିତ ବା କାଳ୍ପନିକ ହୋଇପାରେ ।

ଯେତେବେଳେ ସେମାନେ ଏହି କାର୍ଯ୍ୟ କରିସାରିଲେ, ମୁଁ ସେମାନଙ୍କୁ କାର୍ଡକୁ ଓଲଟାଇ ପରପାଖକୁ ଦୁଇ ଭାଗରେ ବିଭକ୍ତ କରିବାକୁ କହିଲି । ଏହାର ଡାହାଣ ପାଖରେ ସେମାନେ ସେମାନଙ୍କର ଘର ଠିକଣା ଲେଖିଲେ । ମୋର କେତେକ ଶିକ୍ଷାର୍ଥୀ ଏ ସଂପର୍କରେ ନିଶ୍ଚିତ ନଥିଲେ । ତେଣୁ ସେମାନେ ଏହାକୁ କେମିତି କହିବେ ଓ କେମିତି ଲେଖିବେ ସେ ବିଷୟରେ ବୁଝାଇଦେଲି ।

ଠିକଣାର ବାମ କଡରେ ସେମାନେ ସେମାନଙ୍କର ପିତାମାତାଙ୍କ ନିକଟକୁ ଗୋଟିଏ ଛୋଟ ବାର୍ତ୍ତା ଲେଖିଲେ । କେତେକ ବାକ୍ୟର ଉଦାହରଣ ମୁଁ କଳାପଟାରେ ଲେଖିଦେଲି, ଯଥା-ପୂଜନୀୟ ମା', ପୂଜ୍ୟ ବାପା , ମୁଁ ଆଶାକରେ ଆପଣମାନେ ସେଠାରେ ଭଲରେ ଥିବେ । ମୁଁ ଆପଣମାନଙ୍କ ପାଖକୁ ଅଭିନନ୍ଦନ ପତ୍ର ପଠାଇଲି ଇତ୍ୟାଦି.... ।

ଏହିପରି ଭାବରେ ଅପେକ୍ଷାକୃତ କମ୍ ଦକ୍ଷତା ଥିବା ଶିକ୍ଷାର୍ଥୀମାନଙ୍କୁ ମୁଁ ସହାୟତା କଲି । ଅଧିକ ଦକ୍ଷ ଶିକ୍ଷାର୍ଥୀମାନେ ସେମାନଙ୍କର ପସନ୍ଦ ଅନୁସାରେ ଚିଠି ଲେଖିଲେ । ଏହାପରେ ସେମାନଙ୍କର ବାର୍ତ୍ତା ଶେଷରେ ସେମାନଙ୍କର ନାମ ଦସ୍ତଖତ କଲେ ।

ପୋଷ୍ଟକାର୍ଡ଼ ପାଇଁ ଡାକଟିକଟ ଖରିଦ କରିବାକୁ ମୋ ପ୍ରଧାନ ଶିକ୍ଷକ ଅର୍ଥଦେବାକୁ ରାଜିହେଲେ । ପୋଷ୍ଟକାର୍ଡ଼ର ଡାହାଣ କୋଣର ଉପରିଭାଗରେ ଡାକଟିକଟ ମାରି ମୋର ଶିକ୍ଷାର୍ଥୀମାନେ ଓ ମୁଁ ପାଖରେ ଥିବା ଡାକବାକ୍ସ ନିକଟକୁ ଗଲୁ ଓ ସେମାନେ ଡାକବାକ୍ସ ଭିତରେ ସେଗୁଡ଼ିକୁ ପକାଇଲୁ ।

ପର ସପ୍ତାହରେ ଯେତେବେଳେ ପୋଷ୍ଟକାର୍ଡଗୁଡ଼ିକ ସେମାନଙ୍କ ଘରେ ଦିଆଗଲା ସେମାନେ ଆନନ୍ଦରେ କମ୍ପି ଉଠିଲେ । ସେମାନଙ୍କର ପିତାମାତାମାନେ ମଧ୍ୟ ଏଗୁଡ଼ିକ ପାଇଁ ଖୁସି ହୋଇଗଲେ ।



ଟିକିଏ ଚିନ୍ତା କରନ୍ତୁ

- ଶ୍ରୀମତୀ ସୁଷମାଙ୍କର ପୋଷ୍ଟକାର୍ଡ ଲେଖା କାର୍ଯ୍ୟଟି କିପରି ବିଷୟବସ୍ତୁ ସଂଗଠନ ଓ ପୁନଃଲିଖନ ସଂପର୍କିତ କାର୍ଯ୍ୟ ମଧ୍ୟରେ ସମତା ରକ୍ଷା କରେ ?
- ବୟସ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ଆପଣ ଏହି କାର୍ଯ୍ୟଟିକୁ କିପରି ବ୍ୟବହାର କରିବେ ?

ଏହି କାର୍ଯ୍ୟରେ ଶିକ୍ଷାର୍ଥୀମାନେ ପାଠ ବିଷୟ ସଂଗଠନ କରିବାକୁ ସେମାନଙ୍କର ନିଜ ଧାରଣାମାନ ବ୍ୟବହାର କରନ୍ତି । କିନ୍ତୁ ଶିକ୍ଷକ ସେମାନେ ଏହା କରିବାରେ ଆବଶ୍ୟକ କରୁଥିବା ବାକ୍ୟଖଣ୍ଡ ମାନ ଦେଇଥାନ୍ତି । ଏହିଭଳି ଏକ କାର୍ଯ୍ୟରେ ପିତାମାତାମାନଙ୍କ ପାଖକୁ ବାର୍ତ୍ତା ପଠାଇବା ବିଦ୍ୟାଳୟ ଓ ଗୃହ ଭାବବିନିମୟ ବିକାଶର ସକରାତ୍ମକ ଦିଗ ଅଟେ । ବୟସ୍କ ଶିକ୍ଷାର୍ଥୀମାନଙ୍କ ପାଖରେ ସେମାନେ ଲେଖିବା ପାଇଁ ବହୁତ ବିକଳ୍ପ ରହିଛି । ସେମାନେ ମଧ୍ୟ ନିଜ ନିଜ ମଧ୍ୟରେ ପୋଷ୍ଟକାର୍ଡ ଲେଖିପାରିବେ ବା ଅନ୍ୟ ବିଦ୍ୟାଳୟର ପରିଚିତ ଶିକ୍ଷାର୍ଥୀମାନଙ୍କ ପାଖକୁ ମଧ୍ୟ ଲେଖିପାରିବେ ।

## ୨ ଅଂଶଗ୍ରହଣକାରୀ ଲିଖନ (Shared writing)

ଲିଖନ କାର୍ଯ୍ୟକୁ କିପରି ଆରମ୍ଭ କରିବେ ଓ ଏଥିରେ କଣ ସନ୍ନିବେଶିତ କରିବାକୁ ହେବ ଏହା ଜାଣିବା ବେଳେବେଳେ ଶିକ୍ଷାର୍ଥୀମାନଙ୍କ ପାଇଁ କଷ୍ଟକର ହୋଇଥାଏ । ଅନେକ ଶିକ୍ଷାର୍ଥୀମାନଙ୍କ ପ୍ରଦତ୍ତ ଧାରଣା ସମୂହକୁ ଏକତ୍ର କରି ଶ୍ରେଣୀଗୃହର ଏହି କଠିନ ସମସ୍ୟାକୁ ଅତିକ୍ରମ କରିବାରେ ଅଂଶଗ୍ରହଣ ଲିଖନ ଏକ ସହଭାଗୀ ଉପାୟ ଅଟେ ।

ବିଶେଷତଃ ଅଂଶଗ୍ରହଣକାରୀ ଲିଖନ କନିଷ୍ଠ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଭାବଶାଳୀ ଅଟେ । ସେମାନେ ପଢିବା ପାଇଁ ଶିଖୁଥିବାରୁ ଏହା ସେମାନଙ୍କୁ ଭାବ କିପରି କଥାରେ ରୂପାନ୍ତରିତ ହୁଏ ଓ ସେହିପରି କଥିତ ଭାଷା ପର୍ଯ୍ୟାୟକ୍ରମରେ କିପରି ଲିଖନରେ ଧରି ରଖାଯାଇପାରିବ ଆଦିକୁ ବୁଝିବାରେ ସାହାଯ୍ୟ କରିଥାଏ । ତେବେ ଏହା ପ୍ରତ୍ୟେକ ସ୍ତରର ଶିକ୍ଷାର୍ଥୀମାନଙ୍କ ପାଇଁ ମୂଲ୍ୟବାନ ଅଟେ ।

ପରିସ୍ଥିତି ଅନୁଧ୍ୟାନ -୨ ରେ ଥିବା ଦୁଇଟି ଉଦାହରଣକୁ ଏବେ ପଢନ୍ତୁ ।

## ପରିସ୍ଥିତି ଅଧ୍ୟୟନ ୨ : ଶିକ୍ଷାର୍ଥୀମାନଙ୍କ କଥାକୁ ଲେଖାରେ ପରିବର୍ତ୍ତନ କରିବା

ଶ୍ରୀମତୀ ଉଷା କଟକ ପାଖର ଏକ ଗ୍ରାମୀଣ ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ କରନ୍ତି ।

ମୁଁ ଧାରାବାହିକ ଭାବରେ ପତ୍ରିକା ଓ ବିକାଶ ଭିତ୍ତିକ ପଠନ ସାମଗ୍ରୀମାନଙ୍କରୁ ଛବିମାନ କାଟିଥାଏ । ଏହି ଛବିଗୁଡ଼ିକରେ ବିଭିନ୍ନ ସ୍ଥାନ, ବ୍ୟକ୍ତି ବିଶେଷ ଓ ପ୍ରାଣୀମାନଙ୍କର ଛବି ଅନ୍ତର୍ଭୁକ୍ତ ଥାଏ । ଯେତେଦୂର ସମ୍ଭବ ମୁଁ ରଙ୍ଗୀନ, କୌତୁକିଆ ଏବଂ ଅସାଧାରଣ ଛବିଗୁଡ଼ିକୁ ସଂଗ୍ରହ କରିବା ପାଇଁ ଚେଷ୍ଟା କରିଥାଏ । ଏହିପରି କରି ଏବେ ମୁଁ ଅନେକ ଛବିର ସଂଗ୍ରହ କରିପାରିଛି ।

ମୁଁ ପାଳି କରି ଏହି ଲିଖନ କାର୍ଯ୍ୟକୁ ଶିକ୍ଷାର୍ଥୀମାନଙ୍କ ସହିତ ଛୋଟ ଦଳରେ କରେ । ସେହି ସମୟରେ ଶ୍ରେଣୀର ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଅନ୍ୟ କାର୍ଯ୍ୟ ଦେଇଥାଏ । ଦଳକୁ ଗୋଟିଏ ଛବିଦେଇ କାର୍ଯ୍ୟଟିକୁ ଆରମ୍ଭ କରିଥାଏ ଓ ଏହା ବିଷୟରେ ଏକତ୍ର ଆଲୋଚନା ପାଇଁ କିଛି

ସମୟ ମଧ୍ୟ ସେମାନଙ୍କୁ ମୁଁ ଦେଇଥାଏ । ଏହାପରେ ଶିକ୍ଷାର୍ଥୀମାନଙ୍କୁ ଦିଆଯାଇଥିବା ଛବି ବିଷୟରେ କହିବା ପାଇଁ ମୁଁ କହେ । ସେମାନେ ଯାହା କରନ୍ତି ତାହାକୁ କଳାପଟାରେ ଲେଖିଦିଏ ।

ଯେତେବେଳେ ସମସ୍ତେ କହିସାରନ୍ତି, ସେମାନେ ଯାହା କହିଥାନ୍ତି ସେଗୁଡିକୁ ସୂଚିତକରି ମୁଁ ଏହିପରି ପଢେ । ଏହାର ସମାପ୍ତି ପରେ ଆମେ ବାକ୍ୟଗୁଡିକୁ ଦେଖୁ ଓ ସେଗୁଡିକୁ ପୁନଃସଜ୍ଜିକରଣ କରି ଏକ ଗଳ୍ପରେ ପରିଣତ କରୁ । ଆମେ ସମସ୍ତେ ବଡ ପାଟିରେ ଗପଟିକୁ ଏକତ୍ର ପଢୁ, ଏହାକୁ ଅଧିକ ଗତିଶୀଳ ଓ ଆଗ୍ରହୋଦ୍ଦୀପକ କରିବା ପାଇଁ ପୁନଶ୍ଚ ଶବ୍ଦ ତଥା ବାକ୍ୟଖଣ୍ଡମାନ ଏଥିରେ ଯୋଡୁ । ଯେତେବେଳେ ସମସ୍ତେ ଏହି ଗଳ୍ପରେ ଖୁସି ହୁଅନ୍ତି, ଆମେ ଏକ ସର୍ବସମ୍ମତ ଶୀର୍ଷକ ଦେଉ ।



**ଚିତ୍ର –୨** ଏକତ୍ର ଏକ ଗଳ୍ପ ପ୍ରସ୍ତୁତିରେ ଗୋଟିଏ ଦଳ କାର୍ଯ୍ୟରତ

ମୁଁ ଏହାପରେ ଚାର୍ଟ୍ କାଗଜରେ ପ୍ରସ୍ତୁତ ହୋଇଥିବା ଗଳ୍ପଟିକୁ ଲେଖିଲି ଓ ଏହାକୁ ଶ୍ରେଣୀଗୃହର କାନ୍ଥରେ ଟାଙ୍ଗିଦେଲି । ଏଥିରେ ଭାଗ ନେଇଥିବା ଶିକ୍ଷାର୍ଥୀମାନଙ୍କ ନାମକୁ ଏଥିରେ ଲେଖିଦେଲି ।

ମୋ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ନୋଟ୍ ଖାତାରେ ପରିଷ୍କାର ଭାବରେ ଲେଖିନେବାକୁ କହିଲି ଓ ସୁନ୍ଦର ଚିତ୍ରଦ୍ୱାରା ଏହାର ବର୍ଣ୍ଣନା କରିବାକୁ ମଧ୍ୟ କହିଲି ।

ଶ୍ରୀଯୁକ୍ତ ଗୋପାଳ ବାରିପଦା ସହରର ଗୋଟିଏ ବଡ଼ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢାଉଥିବା ଜଣେ ଶିକ୍ଷକ ଅଟନ୍ତି ।

ସ୍ଥାନୀୟ ବଜାରକୁ ଏକ ଦୂର ସ୍ଥାନକୁ ଉଠାଇବାକୁ ନେଇ ସରକାରଙ୍କ ଯୋଜନା ବିଷୟରେ ମୋ ଶିକ୍ଷାର୍ଥୀମାନେ ଅତ୍ୟନ୍ତ ବିଚଳିତ ଥିଲେ । ସେଠାରେ କିଣାବିକା କରୁଥିବା ଗୋଷ୍ଠୀର ଅନେକ ପରିବାର ପାଇଁ ଏହା ଅସୁବିଧା ସୃଷ୍ଟି କରିବ । ଏଥିପାଇଁ ଶିକ୍ଷାର୍ଥୀମାନେ ଚିନ୍ତା କରୁଥିଲେ ।

ମୋ ଶିକ୍ଷାର୍ଥୀମାନେ ସ୍ଥାନୀୟ ପ୍ରଶାସକ ନିକଟକୁ ଏକ ପ୍ରତିବାଦ ସୂଚକ ପତ୍ର ଲେଖିବାକୁ ଚାହିଁଲେ । ଏହା କରିବାରେ ମୁଁ ସେମାନଙ୍କୁ ସହାୟତା କରିବାକୁ ରାଜିହେଲି । ଛଅ ଜଣିଆ ଦଳକୁ ଗୋଟିଏ କାଗଜ ଦେଇ ସେଥିରେ ସେମାନେ ବଜାରକୁ ଉଠାଇବାର ଯୋଜନା ସଂପର୍କିତ ମୁଖ୍ୟ କଥାଗୁଡ଼ିକୁ ଲେଖିବାକୁ କହିଲି ।



**ଚିତ୍ର-୩ :** ଗୋଟିଏ, ଚିଠି ଲେଖିବା

ଯେତେବେଳେ ସେମାନେ ଲେଖି ସାରିଲେ ମୁଁ ସେମାନଙ୍କୁ ସେମାନଙ୍କର ଲେଖାକୁ ଶ୍ରେଣୀରେ ଉପସ୍ଥାପନ କରିବାକୁ କହିଲି । ଏପରି କରିବା ସମୟରେ ମୁଁ ସେମାନଙ୍କର ଧାରଣାଗୁଡ଼ିକୁ କଳାପଟାରେ ଲେଖିଦେଲି । ବେଳେବେଳେ ସେମାନଙ୍କର ଭାଷାରେ କ୍ରୋଧର ସୂଚନା ଥିଲା । ତେଣୁ ସେମାନଙ୍କ ସୂଚନାକୁ ସମାନଜନକ କରିବାର ଗୁରୁତ୍ୱ ସଂପର୍କରେ ବୁଝାଇଦେଲି । ସେମାନେ ସେମାନଙ୍କର କଥା ପ୍ରତି ପ୍ରଶାସକଙ୍କ ଦୃଷ୍ଟି ଆକର୍ଷିତ କରିବାକୁ ହେଲେ ଭଲ କାରଣଗୁଡ଼ିକୁ ଯୋଡ଼ିବା ଆବଶ୍ୟକ । ଏକଥା ସେମାନେ ବିଚାରକୁ ନେବା ଦରକାର । ଆମେ ସଭିଏଁ ମିଶି ବହୁ ପ୍ରକାରର ଚିଠା, ନକଲ ପତ୍ର କଳାପଟାରେ ତିଆରି କଲୁ । ମୁଖ୍ୟ କଥା ଗୁଡ଼ିକୁ ପୁନଃଲିଖନ ମାଧ୍ୟମରେ ଭାଷାକୁ ଅଧିକ ସାଧାରଣ କରିବାକୁ ଚେଷ୍ଟା ମଧ୍ୟ କଲୁ । ଯାହାଦ୍ୱାରା ଏହା ଅଧିକ ଗ୍ରହଣୀୟ ହୋଇପାରିବ ।

ଏହାପରେ ମୁଁ ମୋ ଶିକ୍ଷାର୍ଥୀମାନଙ୍କୁ ଶେଷ ଚିଠିଟିକୁ ଲେଖି ନେବାକୁ କହିଲି, ଯାହାଫଳରେ ସେମାନେ ନିଜର ନକଲ ରଖିପାରିବେ । ସେଗୁଡ଼ିକ ମଧ୍ୟରୁ ସେମାନେ ଗୋଟିଏ ବାଛିଲେ ଓ ସେମାନଙ୍କର ଦସ୍ତଖତ ଦେଇ ଏହାକୁ ପ୍ରଶାସକଙ୍କ ନିକଟକୁ ଡାକରେ ପଠାଇ ଦେଲେ ।

ମୋ ଶିକ୍ଷାର୍ଥୀମାନଙ୍କର ବଜାର ଉଠାଇବା ବିପକ୍ଷରେ ସ୍ଥାନୀୟ ଭାବନାର ଗୁରୁତ୍ୱ ପ୍ରତିବାଦ ମାଧ୍ୟମରେ ପ୍ରଶାସକଙ୍କୁ ପ୍ରଦର୍ଶିତ କରିବାର ଥିଲା । ତେଣୁ ଆମେ ଏହି ଅଂଶଗ୍ରହଣକାରୀ ଲିଖନ ପ୍ରକ୍ରିୟାକୁ ବ୍ୟବହାର କରି ଗୋଟିଏ ଛୋଟିଆ ବିଷୟବସ୍ତୁ ସ୍ଥାନାନ୍ତର ବିପକ୍ଷରେ ଉପକ୍ରମ ଭାବରେ ଏଥିରେ ଯୋଡ଼ିଲୁ । ଏହିପରି କ୍ରମରେ ଆମେ ଏକ ପ୍ରତିବାଦ ସୂଚକ ଲେଖାଟିଏ ପ୍ରସ୍ତୁତ କଲୁ । ଏହାପରେ ମୋ ଶିକ୍ଷାର୍ଥୀମାନେ ପାଳି କରି ଏହି ପ୍ରତିବାଦ ସୂଚକ ଲେଖାଟିକୁ ଗୋଷ୍ଠୀର ସଦସ୍ୟମାନଙ୍କ ଦସ୍ତଗତ ପାଇଁ ନେବାର ବ୍ୟବସ୍ଥା କଲେ ।



ଟିକିଏ ଚିନ୍ତା କରନ୍ତୁ

ଉପରୋକ୍ତ ପ୍ରତ୍ୟେକ ପରିସ୍ଥିତି ଅନୁଧ୍ୟାନଗୁଡ଼ିକ ପାଇଁ ତଳେ ଥିବା ପ୍ରଶ୍ନଗୁଡ଼ିକର ବିଚାର କରନ୍ତୁ ।

- ଶିକ୍ଷାର୍ଥୀମାନଙ୍କ ଲେଖାର ଉଦ୍ଦେଶ୍ୟ ଗୁଡ଼ିକ କ'ଣ ଓ କେଉଁମାନେ ଶ୍ରୋତା ଅଟନ୍ତି ?
- ବିଷୟବସ୍ତୁର ସଂଗଠନ ଓ ପୁନଃଲିଖନ ସଂପର୍କିତ କାର୍ଯ୍ୟଗୁଡ଼ିକ ମଧ୍ୟରେ କିପରି ସମତା ରହିଛି ?
- କାର୍ଯ୍ୟଗୁଡ଼ିକ ମଧ୍ୟରେ ସେମାନଙ୍କର ଶିକ୍ଷାର୍ଥୀମାନଙ୍କୁ ମୂଲ୍ୟାୟନ କରିବାକୁ ଶିକ୍ଷକମାନଙ୍କ ପାଖରେ କ'ଣ ସୁଯୋଗମାନ ରହିଛି ?

- ଦେଖନ୍ତୁ, କିପରି ପ୍ରତ୍ୟେକ ପରିସ୍ଥିତିରେ ଶିକ୍ଷାର୍ଥୀମାନେ ବ୍ୟକ୍ତିଗତ ଭାବେ ଓ ସହଭାଗୀ ଭାବରେ ଲେଖିଲେ । ଅଂଶଗ୍ରହଣକାରୀ ଲିଖନର କଣ ସମାଜନିଷ୍ଠ ଲାଭ ରହିଛି ବୋଲି ଆପଣ ଭାବୁଛନ୍ତି ?

ଏହି କ୍ଷେତ୍ରରେ କୈନ୍ଦ୍ରିକ ସମ୍ବଳ 'ଦଳଗତ କାର୍ଯ୍ୟର ବ୍ୟବହାର' ସହାୟକ ହୋଇପାରିବ ।

ଭିଡିଓ : ଦଳଗତ କାର୍ଯ୍ୟର ବ୍ୟବହାର

## ଶିକ୍ଷଣକାର୍ଯ୍ୟ ୨ : ଗୋଟିଏ ଲିଖନ କୈନ୍ଦ୍ରିକ ପାଠ ଯୋଜନା ପ୍ରସ୍ତୁତିକରିବା

ପରିସ୍ଥିତି ଅନୁଧ୍ୟାନ-୨ ରେ ଥିବା ଶ୍ରେଣୀ ଗୃହର ଅଭ୍ୟାସ ବିଷୟକୁ ବାଛନ୍ତୁ ଓ ସେଥିରେ ସେମାନେ ବର୍ଣ୍ଣନା କରିଥିବା ଅଂଶଗ୍ରହଣକାରୀ ଲିଖନ କାର୍ଯ୍ୟ ପାଇଁ ଏକ ପାଠଯୋଜନା ଲେଖନ୍ତୁ ।

ଆପଣ ପାରିବା ମୁତାବକ ଅଧିକରୁ ଅଧିକ ବିଶଦ ଭାବରେ ଏଥିରେ ସମ୍ବଳ ସନ୍ନିବେଶିତ କରନ୍ତୁ । ଆପଣ ଏଥିପାଇଁ ଆବଶ୍ୟକ କରୁଥିବା ସମ୍ବଳ ଚିହ୍ନଟରୁ ଆରମ୍ଭ କରନ୍ତୁ ଓ ପ୍ରତ୍ୟେକ ସ୍ତର କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ସମୟ ଅଟକଳକୁ ନିଶ୍ଚିତ କରନ୍ତୁ । ଆପଣ ଯଦି ଚାହିଁବେ ତେବେ ଏହି ସ୍ତରଗୁଡ଼ିକୁ ଅନେକ ପାଠ ଯୋଜନାକୁ ବିସ୍ତାରିତ କରିପାରିବେ ।

**ପାଠଯୋଜନା**

ଶ୍ରୀମତୀ ଉଷାଙ୍କର ଅଂଶଗ୍ରହଣକାରୀ ଲିଖନ କାର୍ଯ୍ୟ

ଉଦ୍ଦେଶ୍ୟ ସମୂହ:

- ଭାବ, କଥା ଓ ଲେଖା ମଧ୍ୟରେ ସଂପର୍କ ସ୍ଥାପନ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ।
- ଛବି ଓ ସହାୟକ ସୂଚନା ବ୍ୟବହାର ପୂର୍ବକ ଯୋଡ଼ି ଆଲୋଚନାକୁ ଉତ୍ସାହିତ କରିବା ।
- ସମଗ୍ର ଶ୍ରେଣୀ ଗଳ୍ପ ପ୍ରସ୍ତୁତିରେ ଭାଗ ନେବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ।

ସମ୍ବଳ ସମୂହ:

- ପତ୍ରିକାରୁ କଟାଯାଇଥିବା ଫଟୋ ବା ଛବି ବା ଫଟୋ କପି,ଏହା ଯେପରି ଶିକ୍ଷାର୍ଥୀମାନେ ଦେଖିଲା ଭଳି ବଡ଼ ହୋଇଥିବ ।

ସମୟ ନିର୍ଘଣ୍ଟ:

- ଛବିଗୁଡ଼ିକୁ ଉପସ୍ଥାପନ କରିବାକୁ ଦଶମିନିଟ୍
- ଶିକ୍ଷାର୍ଥୀମାନେ ଯୋଡ଼ି ହୋଇ ଛବି ସଂପର୍କରେ କଥା ହେବାକୁ ପାଞ୍ଚ ମିନିଟ୍
- ଛବି ଗୁଡ଼ିକରେ ପ୍ରଦର୍ଶିତ କଥାବସ୍ତୁ ସଂପର୍କରେ ସମଗ୍ର ଶ୍ରେଣୀ କଥା ହେବାକୁ କୋଡିଏ ମିନିଟ୍

ସଂପୂର୍ଣ୍ଣ ଯୋଜନା କରନ୍ତୁ । ଏହା ପରବର୍ତ୍ତୀ ଶିକ୍ଷଣ କାର୍ଯ୍ୟ ୩ ଓ ୪ ରେ ଏକ ମଡ଼େଲ ରୂପେ ଆପଣଙ୍କ ପାଇଁ କାମ କରିବ ।

ଭିଡିଓ : ପାଠ ଯୋଜନା କରିବା

## ଶିକ୍ଷଣକାର୍ଯ୍ୟ ୩ : ପ୍ରକୃତ ଶ୍ରୋତା ଓ ଉଦ୍ଦେଶ୍ୟ ସମୂହ ପାଇଁ ଲିଖନ

ପ୍ରକୃତ ଶ୍ରୋତା ଓ ଉଦ୍ଦେଶ୍ୟ ସମୂହ ପାଇଁ ଲେଖିବାକୁ ଆପଣଙ୍କ ସହକର୍ମୀମାନଙ୍କ ସହ ଯେତେ ପାରୁଛନ୍ତି ସେତେ ସୁଯୋଗ ବିଷୟରେ ଚିନ୍ତା କରନ୍ତୁ ।

ଏଠାରେ କେତେକ ସମ୍ଭାବନାର କଥା କୁହାଯାଇଛି । ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ବୟସ ଓ ଅଭିଜ୍ଞତା ତଥା ନିର୍ଦ୍ଦିଷ୍ଟ ପ୍ରସଂଗକୁ ଖାପଖାଉଥିବା କଥାକୁ ନେଇ ଅନ୍ୟ ଗୁଡ଼ିକୁ ମଧ୍ୟ ଏଥିରେ ଯୋଡ଼ି ପାରିବେ ।

**ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ସବୁ କରିପାରିବେ:**

- ସେମାନଙ୍କ ପରିବାର ପାଇଁ ଜନ୍ମଦିନ ବା ପର୍ବପର୍ବାଣିର କାର୍ଡ ଲେଖିବା ଓ ଚିତ୍ରିତ କରିବା ।
- ଗାଁର ଅନ୍ୟ ଛୋଟ ପିଲାମାନଙ୍କ ପାଇଁ ଛବି ବହି ତିଆରି କରିବା ।
- ବିଦ୍ୟାଳୟରେ କନିଷ୍ଠ ପିଲାମାନଙ୍କ ପାଇଁ ଗୀତ ଓ ଗଳ୍ପ ଲେଖିବା ।
- ଡି.ଆଇ.ଇ.ଟି ରୁ ସୂଚନା ନେଇ ଅନ୍ୟ ଜିଲ୍ଲା ବା ସହରର ଶ୍ରେଣୀ ସହିତ ପତ୍ର ବନ୍ଧୁ କରିବା ।
- ଜଣେ ଲେଖକ, ସଂସ୍କାରକ ବା ରାଜନୈତିକ ବ୍ୟକ୍ତିଙ୍କୁ ସେମାନଙ୍କର କାର୍ଯ୍ୟକୁ ନେଇ ପ୍ରଶ୍ନ ପଚାରି ଚିଠି ଲେଖିବା ।
- ସ୍ୱାସ୍ଥ୍ୟ ସଂପର୍କିତ ସମସ୍ୟା ଯଥା ହାତଧୁଆର ଗୁରୁତ୍ୱ ବିଷୟରେ ପୋଷ୍ଟର ତିଆରି କରିବା ଓ ଚାରିଆଡେ ବିଦ୍ୟାଳୟ ବାହାରେ ଲଗାଇବା ।
- ଘରେ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ ଉପାଦାନ ଗୁଡ଼ିକର ନାମ ଲେଖିବା ଓ ଏହାକୁ ନେଇ ଶ୍ରେଣୀ ରନ୍ଧନ ପୁସ୍ତିକା ତିଆରି କରି ଫଟୋ କପି କରି ବାଣ୍ଟିବା ।
- ସ୍ଥାନୀୟ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ବିଷୟରେ ସେମାନଙ୍କ ମତ ଦେବାକୁ ସ୍ଥାନୀୟ ଖବର କାଗଜକୁ ଲେଖିବା ।
- ନୂତନ ଶିକ୍ଷାର୍ଥୀମାନଙ୍କ ପାଇଁ ଉପଦେଶ ଆଧାରିତ ଅଭିନନ୍ଦନ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ।

ସେମାନଙ୍କ ଗାଁ ବା ଜିଲ୍ଲାକୁ ନେଇ ଏକ ମାର୍ଗଦର୍ଶିକା ବାହାର କରିବା ।

- ଆପଣ ତାଲିକା କରିଥିବା ସମସ୍ତ ଉପଦେଶଗୁଡ଼ିକ ପାଇଁ ନିମ୍ନ ଦିଗଗୁଡ଼ିକ ଉପରେ ନୋଟ୍ ତିଆରି କରନ୍ତୁ:-
- କେଉଁମାନେ ଲେଖାଟିର ଇପ୍ସିତ ଶ୍ରୋତା (ପିତାମାତା, ଅନ୍ୟ ଶିକ୍ଷାର୍ଥୀଗଣ, ସ୍ଥାନୀୟ ଅଧିବାସୀ, ପରିଦର୍ଶକ ସମୂହ ଇତ୍ୟାଦି) ।
- ଲେଖାଟିର ଉଦ୍ଦେଶ୍ୟ କ'ଣ (ସୂଚେଇବାକୁ, ଆମୋଦିତ କରିବାକୁ, ଦାବି କରିବାକୁ, ଶିଖାଇବାକୁ ଇତ୍ୟାଦି)
- ଲେଖା ପ୍ରକାରଭେଦର ମଡ଼େଲ ଆପଣ କିପରି ଦେବେ (ଆପଣ ଶିକ୍ଷାର୍ଥୀମାନଙ୍କୁ ବାସ୍ତବ ଲେଖା ଦେଖାଇପାରିବେ, ସାଧାରଣ ଢାଞ୍ଚା ଯୋଗାଇ ଦେଇପାରିବେ, କୈନ୍ଦ୍ରିକ ଶବ୍ଦର ତାଲିକା କରିପାରିବେ ଓ ବାକ୍ୟଖଣ୍ଡ ଗୁଡିକୁ ଯୋଡ଼ି ପାରିବେ ଇତ୍ୟାଦି)
- ଲିଖନ କାର୍ଯ୍ୟ ମଧ୍ୟରେ ଆପଣ କିପରି ବିଷୟବସ୍ତୁ ସଂଗଠନ ଓ ପୁନଃଲିଖନ ସଂପର୍କିତ କାର୍ଯ୍ୟଗୁଡିକ ମଧ୍ୟରେ ସମତା ରଖିବେ ।

## ଶିକ୍ଷଣକାର୍ଯ୍ୟ ୪ : ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ସହିତ ଅଂଶଗ୍ରହଣକାରୀ ଲିଖନ କାର୍ଯ୍ୟକାରୀ କରିବା

ଆପଣଙ୍କ ତାଲିକା ଭିତରୁ ଗୋଟିଏ ଧାରଣାକୁ ବାଛନ୍ତୁ ଓ ଏହାର ପ୍ରାକ୍ ପରୀକ୍ଷଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ସହିତ କରନ୍ତୁ । ପୂର୍ବରୁ ପ୍ରସ୍ତୁତ କରିଥିବା ପାଠଯୋଜନାକୁ ମାର୍ଗଦର୍ଶିକା ଭାବେ ବ୍ୟବହାର କରି ଏହି ପାଠ ପାଇଁ ଏକ ନୂଆ ଯୋଜନା କରନ୍ତୁ । ଏହାକୁ ବିଚାରକୁ ନେଇଛନ୍ତି ବୋଲି ଆପଣ ନିଶ୍ଚିତ ମଧ୍ୟ କରନ୍ତୁ ଯଥା:-

- କାର୍ଯ୍ୟର ଶ୍ରୋତା ଓ ଉଦ୍ଦେଶ୍ୟ
- ଅଂଶଗ୍ରହଣକାରୀ ଲିଖନ ସାମଗ୍ରୀର ପ୍ରକୃତି
- ବିଷୟବସ୍ତୁ ସଂଗଠନ ଓ ପୁନଃ ଲିଖନରେ ବ୍ୟବହୃତ ବିନିଯୋଗ ହେବାକୁ ଥିବା ସମୟ ମଧ୍ୟରେ ସମତା ।

ଆପଣଙ୍କ ସହକର୍ମୀମାନଙ୍କ ସହ ପ୍ରଥମେ ଏହାର ପ୍ରାକ୍ ପରୀକ୍ଷଣ କରିବାକୁ ଆପଣ ସହଜ ବୋଧ କରିବେ । ସେମାନଙ୍କର ପ୍ରତିପୁଷ୍ଟି ସଂଗ୍ରହ କରନ୍ତୁ ଓ ସେହି ଅନୁସାରେ ଆପଣଙ୍କ ପାଠଯୋଜନା ପ୍ରସ୍ତୁତ କରନ୍ତୁ । ଆପଣ ନିଜକୁ ପ୍ରସ୍ତୁତ କରିବା ପରେ ଏହି ପାଠଯୋଜନାକୁ ଶ୍ରେଣୀରେ ପ୍ରୟୋଗ କରନ୍ତୁ ।

ଲିଖନ ପ୍ରକ୍ରିୟାର ବିଭିନ୍ନ ଦିଗପ୍ରତି ଶିକ୍ଷାର୍ଥୀମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆପଣ ସେମାନେ ବିକାଶ ପାଇଁ ଦେଇ ଥିବା ପରାମର୍ଶ ଅନୁସାରେ ଆପଣ ଅଂଶଗ୍ରହଣକାରୀ ପାଠରେ କରୁଥିବା ପରିବର୍ତ୍ତନର ଏକ ଧାରା ବିବରଣୀ ପ୍ରଦାନ କରନ୍ତୁ । ଏଗୁଡ଼ିକ ଏହାର ଢାଞ୍ଚାଗତ ଦିଗ ସହିତ ସଂପର୍କିତ ହୋଇପାରେ ଉଦାହରଣ ସ୍ୱରୂପ ଏହା ଔପଚାରିକ ବା ଅନୌପଚାରିକ, ଏହାର ଶବ୍ଦ ଭଣ୍ଡାର, ବା ଏହାର କ୍ରମ ବା ଗତି ହୋଇପାରେ । ଆପଣ ଯାହା ଲେଖିଛନ୍ତି ପଢନ୍ତୁ । ଆଗକୁ ଆଗକୁ ଯାଇ ଏହା କିପରି ଶୁଭୁଛି ତଦାରଖ ପୂର୍ବକ ପରିବର୍ତ୍ତନ କରନ୍ତୁ । ଏପରି କରି ଆପଣ ଆପଣଙ୍କ ଶ୍ରେଣୀକୁ ଦେଖାଉଛନ୍ତି ଯେ ଏକ ଉତ୍ତମ ବିଷୟ ବସ୍ତୁସଂଗଠନ ଭାବ ଓ ମନଯୋଗ ଆବଶ୍ୟକ କରେ ।

ସେହି ସମୟରେ ଆପଣ ପରିଷ୍କାର ଲିଖନ, ଉପଯୁକ୍ତ ବ୍ୟବଧାନ , ଠିକ୍ ବିରାମ ଚିହ୍ନ, ବନାନ ଓ ବ୍ୟାକରଣ ବ୍ୟବହାର କରି ପୁନଃଲିଖନ କୌଶଳ ପ୍ରଦର୍ଶନ କରିବା ଉଚିତ୍ । ଉପସିତ ଶ୍ରୋତାମାନଙ୍କ ଉପରେ ପାଠର ସାମଗ୍ରିକ ପ୍ରଭାବ ପକାଇବାରେ ଏସବୁ ଗୁଡ଼ିକ କିପରି ସହାୟକ ହେବ ତାହା ବୁଝାନ୍ତୁ ।



### ଟିକିଏ ଚିନ୍ତା କରନ୍ତୁ

- ପାଠ ଯୋଜନାଟି କିପରି ସଫଳ ଥିଲା ? ଆପଣ କିପରି କହିଲେ ?
- ଆପଣଙ୍କ ସବୁ ଶିକ୍ଷାର୍ଥୀ ଶିଖୁଥିଲେ-ଏହାକୁ କିପରି ତଦାରଖ କଲେ ?

ଅଂଶଗ୍ରହଣକାରୀ ଲିଖନ ସମାଜନିଷ୍ଠ ଓ ସହଭାଗୀ ଅଟେ । ଏହା ସେହି ଶିକ୍ଷାର୍ଥୀମାନଙ୍କ ପାଇଁ ସହାୟକ ଯେଉଁମାନେ କଣ ଲେଖିବେ ନିଶ୍ଚିତ ନୁହଁନ୍ତି ଓ ଦୁର୍ବଳ ହୋଇ ପୁନଃଲିଖନ ଆଧାରିତ ବନାନ ଭୁଲ କରନ୍ତି । ଏହା ଶିକ୍ଷାର୍ଥୀମାନଙ୍କୁ ଚିଠା ଖସଡା ଓ ପୁଣିଥରେ ଲେଖିବା ପ୍ରକ୍ରିୟା ବିଷୟରେ ପ୍ରଦର୍ଶିତ କରିଥାଏ ।

## ୩ ସାରାଂଶ

ଏହି ଏକକରେ ଆପଣ ବାସ୍ତବ ଶ୍ରୋତା ଓ ଉଦ୍ଦେଶ୍ୟ ସମୂହକୁ ନେଇ ଶ୍ରେଣୀଗୃହରେ ଲିଖନର ବିଭିନ୍ନ ଉପାୟକୁ ସଂପର୍କିତ କରିବା କଥା ବିଚାର କରିଛନ୍ତି ।

ଶିକ୍ଷାର୍ଥୀମାନେ ବିଶ୍ୱାସନୀୟ ଲେଖକ ହେବାକୁ ଅଭ୍ୟାସ ଆବଶ୍ୟକ କରିଥାନ୍ତି । ଲିଖନ ଉଦ୍ଦେଶ୍ୟପୂର୍ଣ୍ଣ ଓ ପୁରସ୍କୃତ ଯୋଗ୍ୟ ହୋଇପାରିବ ଏହି ଧାରଣା ପ୍ରଦର୍ଶନ ମାଧ୍ୟମରେ ଆପଣ ସେମାନଙ୍କର ଲିଖନ କୌଶଳ ବିକାଶରେ ସାହାଯ୍ୟ କରିପାରିବେ । ଭାବବିନିମୟ ଅଭିବୃଦ୍ଧିର କେବଳ ମାତ୍ର ସକ୍ରିୟ ଉପାୟ ଭାବରେ ବିଷୟବସ୍ତୁ ସଂଗଠନ ସହିତ ପୁନଃଲିଖନ ଉପରେ ଗୁରୁତ୍ୱ ଆରୋପ କରି ଆପଣ ଏହା କରିପାରିବେ । ଗୋଟିଏ ଅଂଶଗ୍ରହଣକାରୀ ଲିଖନ ଉପରେ ଏକତ୍ର କାର୍ଯ୍ୟକରି ଆପଣଙ୍କ ଶିକ୍ଷାର୍ଥୀମାନେ ଲିଖନର ପ୍ରକୃତ ଉଦ୍ଦେଶ୍ୟଗୁଡ଼ିକୁ ବୁଝିବାକୁ ସକ୍ଷମ ହୋଇ ପାରିବେ ।

ଏହି ଏକକଟି ଆପଣଙ୍କୁ ଲିଖନ କୈନ୍ଦ୍ରିକ ପାଠଯୋଜନା କରିବାରେ ସୁଯୋଗ ପ୍ରଦାନ କରିବ । ଏହି ପ୍ରକାର ଯୋଜନା ଶିକ୍ଷଣ ଉପଲବ୍ଧି ହାସଲରେ ଆପଣଙ୍କ ଶିକ୍ଷାଦାନକୁ କେନ୍ଦ୍ରୀଭୂତ କରିବାରେ ସାହାଯ୍ୟ କରିବ । ଏହି ଯୋଜନାଗୁଡ଼ିକ ମଧ୍ୟ ଅନେକ ପାଠରେ ବ୍ୟବହାର କରାଯାଇ ପାରିବ ଓ ଏହାକୁ ସଂପ୍ରସାରିତ କରାଯାଇପାରିବ ।

## ସମ୍ବଳ ସମୂହ

### ସମ୍ବଳ-୧ : ପାଠଯୋଜନା ପ୍ରସ୍ତୁତି କରିବା

#### ପାଠଯୋଜନା ପ୍ରସ୍ତୁତ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ

ଭଲ ପାଠଗୁଡ଼ିକର ଯୋଜନା କରିବାକୁ ପଡିବ । ଯୋଜନା ଆପଣଙ୍କ ପାଠ ଗୁଡିକୁ ସ୍ୱଷ୍ଟ ଓ ସମୟ ଭିତ୍ତିକ, ଅର୍ଥପୂର୍ଣ୍ଣ କରିଥାଏ ଯାହା ଫଳରେ ଶିକ୍ଷାର୍ଥୀମାନେ ସକ୍ରିୟ ଓ ଆଗ୍ରହୀ ହୋଇପାରିବେ । ଏହା ସେମାନଙ୍କର ଅଂଶଗ୍ରହଣକୁ ଅଧିକ ଭାବରେ ପ୍ରଭାବିତ କରିପାରିବ ଓ ସେମାନେ ଅଧିକ ଭାବରେ ଅଂଶଗ୍ରହଣ କରି ପାରିବେ । ଫଳପ୍ରଦ ଯୋଜନା ମଧ୍ୟ କେତେକ ଅନ୍ତର୍ନିହିତ ନମନୀୟତା ଉପରେ ଆଧାରିତ । ଏହା ଶିକ୍ଷକମାନଙ୍କୁ ସେମାନଙ୍କ ଶିକ୍ଷାଦାନରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରୁ ଉପଲବ୍ଧ ଫଳାଫଳ ଅନୁସାରେ ପ୍ରତିକ୍ରିୟାଶୀଳ କରିଥାଏ । ଫଳରେ ସେମାନେ ଶିକ୍ଷାର୍ଥୀମାନଙ୍କ ଠାରେ ଦେଖୁଥିବା ପରିବର୍ତ୍ତନ ତଥା ଆବଶ୍ୟକତା ଅନୁସାରେ ନିଜକୁ ପରିବର୍ତ୍ତନ କରିଥାନ୍ତି ।

ଏକ ପର୍ଯ୍ୟାୟ ବିଶିଷ୍ଟ ପାଠକୁ ନେଇ ଯୋଜନା କରିବାରେ ଅନେକ କାର୍ଯ୍ୟମାନ ଅନ୍ତର୍ଭୁକ୍ତ ହୋଇଥାଏ । ସେଗୁଡ଼ିକ ହେଲା ଶିକ୍ଷାର୍ଥୀମାନଙ୍କୁ ଓ ସେମାନଙ୍କର ପୂର୍ବ ଶିକ୍ଷଣକୁ ଜାଣିବା, ପାଠ୍ୟକ୍ରମ ମାଧ୍ୟମରେ ପ୍ରଗତିକୁ ବୁଝିବା ଓ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରେ ସହାଯ୍ୟ ପାଇଁ ସର୍ବୋତ୍ତମ ସମ୍ବଳ ଓ କାର୍ଯ୍ୟଗୁଡିକୁ ଖୋଜିବା ଅଟେ । ଏଗୁଡିକୁ ଠିକ୍ ଭାବେ ସଂପର୍କିତ କରିପାରିଲେ ପାଠ ଯୋଜନା ଉତ୍ତମ ଭାବେ ହୋଇପାରିବ ।

ଯୋଜନା ଏକ ଧାରାବାହିକ ପ୍ରକ୍ରିୟା । ଆପଣଙ୍କୁ ଏକକ ତଥା ପର୍ଯ୍ୟାୟ ବିଶିଷ୍ଟ ପାଠ ପ୍ରସ୍ତୁତି କରିବାରେ ସାହାଯ୍ୟ କରିବ । ପାଠ ଯୋଜନା ପ୍ରସ୍ତୁତିର ସ୍ତରଗୁଡ଼ିକ ହେଲା-

- ଅଭିବୃଦ୍ଧି ନିମିତ୍ତ ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ସଂପର୍କରେ ସ୍ୱଷ୍ଟ ହେବ ।
- ଆପଣ ଶିକ୍ଷାଦାନ କରିବାକୁ ଯାଉଥିବା ଏକ ଉପାୟ ସ୍ଥିର କରିବା ଯାହା ଶିକ୍ଷାର୍ଥୀମାନେ ବୁଝିପାରିବେ ଓ ଯାହା ପାଇଲେ ସେଥିପାଇଁ ପ୍ରତିକ୍ରିୟା ପ୍ରକାଶ କରିବାକୁ ନମନୀୟତା ରକ୍ଷାକରିବେ ।
- ପାଠଟି କିପରି ଆଗେଇଲା ପଛକୁ ଯାଇ ଦେଖିବା ଓ ଆପଣଙ୍କ ଶିକ୍ଷାର୍ଥୀମାନେ ଏଥିରୁ କଣ ଶିଖିଲେ ତାହାକୁ ନେଇ ଭବିଷ୍ୟତ ଯୋଜନା କରିବା ।

## ପର୍ଯ୍ୟାୟ ବିଶିଷ୍ଟ ପାଠଯୋଜନା କରିବା

ଆପଣ ଯେତେବେଳେ ଗୋଟିଏ ପାଠ୍ୟକ୍ରମକୁ ଅନୁସରଣ କରୁଛନ୍ତି, ଯୋଜନାର ପ୍ରଥମ ଭାଗରେ ପାଠ୍ୟକ୍ରମରେ ଥିବା ବିଷୟଗୁଡ଼ିକୁ ଓ ପ୍ରସଂଗଗୁଡ଼ିକୁ ଭଲ ଭାବରେ ବିଭାଗ ଓ ଖଣ୍ଡରେ ବିଭକ୍ତ କରିବାକୁ ପଡିବ । ଏହି କ୍ଷେତ୍ରରେ ଆପଣଙ୍କୁ ମିଳୁଥିବା ସମୟ ଓ ଶିକ୍ଷାର୍ଥୀମାନଙ୍କର ଜ୍ଞାନ ତଥା କୌଶଳର ଅଭିବୃଦ୍ଧି କଥା ବିଚାରକୁ ନେବାକୁ ପଡିବ । ଆପଣଙ୍କ ଅଭିଜ୍ଞତା ବା ସହକର୍ମୀମାନଙ୍କ ସହିତ ଆଲୋଚନା ଆପଣଙ୍କୁ ଜଣାଇ ଦେଇ ପାରିବ ଯେ ଗୋଟିଏ ପ୍ରସଙ୍ଗ ଉପରେ ଚାରିଟି ପାଠ ହୋଇପାରିବ ବା ଦୁଇଟି ପାଠ ହୋଇପାରିବ । ଆପଣ ସଚେତନ ହେବା ଦରକାର ଯେ ବିଭିନ୍ନ ସମୟରେ ଓ ବିଭିନ୍ନ ଉପାୟରେ ଏହି ଚାରୋଟି ପାଠରେ ଆପଣ ସେହି ଶିକ୍ଷଣକୁ ଫେରି ଆସିବାକୁ ଚାହିଁବେ ଯେତେବେଳେ ଅନ୍ୟ ପ୍ରସଙ୍ଗଗୁଡ଼ିକୁ ବିଚାରକୁ ନିଆଯାଇଥିବ ବା ଅନ୍ୟ ବିଷୟକୁ ସଂପ୍ରସାରିତ ହେଉଥିବ ।

ପ୍ରତ୍ୟେକ ପାଠ ଯୋଜନାରେ ଆପଣ ସ୍ପଷ୍ଟ ହେବା ଆବଶ୍ୟକ ଯେ:-

- ଶିକ୍ଷାର୍ଥୀମାନେ କଣ ଶିଖିବାକୁ ଆପଣ ଚାହାନ୍ତି ?
- ଆପଣ ସେହି ଶିକ୍ଷଣକୁ କିପରି ଉପସ୍ଥାପନ କରିବେ ?
- ଶିକ୍ଷାର୍ଥୀମାନଙ୍କୁ କଣ କରିବାକୁ ପଡିବ ଓ କାହିଁକି ?

ଆପଣ ଶିକ୍ଷଣକୁ ସକ୍ରିୟ ଓ ଆଗ୍ରହୋଦ୍ଦୀପକ କରିବାକୁ ଚାହିଁବେ ଯାହାଫଳରେ ଶିକ୍ଷାର୍ଥୀମାନେ ଆରାମଦାୟକ ସ୍ଥିତି ଅନୁଭବ କରିବେ ଓ ଉତ୍କଣ୍ଠିତ ହେବେ । ସମଗ୍ର ପାଠଗୁଡ଼ିକରେ ଶିକ୍ଷାର୍ଥୀମାନଙ୍କୁ କ'ଣ କରିବାକୁ କୁହାଯିବ ବିଚାର କରନ୍ତୁ । ଯାହାଫଳରେ ଆପଣ ନମନୀୟତା ଆଧାରରେ ବିବିଧତା ଓ ଆଗ୍ରହକୁ ନେଇ ଏହାକୁ କରିପାରିବେ । ଫଳରେ ଶିକ୍ଷାର୍ଥୀମାନଙ୍କ ପାଇଁ ଅଧିକ ଗ୍ରହଣୀୟ ହୋଇପାରିବ । ଶ୍ରେଣୀ ଅନ୍ତର୍ଭୁକ୍ତ ପାଠ ଗୁଡ଼ିକରେ ଶିକ୍ଷାର୍ଥୀମାନେ ଅଗ୍ରସର ହେଉଥିବା ସମୟରେ ଆପଣ ସେମାନଙ୍କର ବୋଧଗମ୍ୟତାକୁ କିପରି ତଦାରଖ କରିବେ ଯୋଜନା କରନ୍ତୁ । ନମନୀୟ ହେବାପାଇଁ ପ୍ରସ୍ତୁତ ରୁହନ୍ତୁ କାରଣ କୌଣସି ବିଷୟ ବୁଝିବା ପାଇଁ ଶିକ୍ଷାର୍ଥୀମାନେ କେତେବେଳେ ଅଧିକ ସମୟ ନିଅନ୍ତି ତ କେତେବେଳେ ଶୀଘ୍ର ଗ୍ରହଣ କରିନିଅନ୍ତି ।

## ଏକକ ପାଠ ପ୍ରସ୍ତୁତି କରିବା

ଆପଣ ପର୍ଯ୍ୟାୟ ବିଶିଷ୍ଟ ପାଠଗୁଡ଼ିକ ପାଇଁ ଯୋଜନା ପ୍ରସ୍ତୁତ କରିବା ପରେ ଶିକ୍ଷାର୍ଥୀମାନେ ହାସଲ କରିଥିବା ଅଭିବୃଦ୍ଧିକୁ ନେଇ ଏକକ ପାଠ ପାଇଁ ଯୋଜନା ପ୍ରସ୍ତୁତ କରିବା ଦରକାର । ଆପଣ ଜାଣନ୍ତି ଶିକ୍ଷାର୍ଥୀମାନେ କ'ଣ ଶିକ୍ଷା କରିବା ଉଚିତ୍ ବା ପର୍ଯ୍ୟାୟ ବିଶିଷ୍ଟ ପାଠଗୁଡ଼ିକର ଶିକ୍ଷଣ ପରେ କ'ଣ କରିବାକୁ ସକ୍ଷମ ହେବା ଉଚିତ୍ । କିନ୍ତୁ ଅପ୍ରତ୍ୟାଶିତ ଭାବେ ଆପଣ କିଛି ବିଷୟକୁ ପୁନଃ ଉପସ୍ଥାପନ କରିବାର ଆବଶ୍ୟକତା ଅନୁଭବ କରିପାରନ୍ତି ବା ଦୃତଗତିରେ ଆଗେଇ ପାରନ୍ତି । ଏସବୁ ଗୁଡ଼ିକୁ ଆପଣ ପରିସ୍ଥିତି ଆଧାରରେ କରିପାରନ୍ତି । ତେଣୁ ପ୍ରତି ଏକକ ପାଠଗୁଡ଼ିକର ଏପରି ଯୋଜନା ହେବା ଦରକାର ଯାହା ଫଳରେ ଆପଣଙ୍କର ପ୍ରତ୍ୟେକ ଶିକ୍ଷାର୍ଥୀ ନିଜର ଅଭିବୃଦ୍ଧି କରିବା ସଂଗେ ସଂଗେ ନିଜର ସଫଳତାକୁ ଅନୁଭବ କରିପାରିବେ ଓ ସମସ୍ତଙ୍କ ସହିତ ନିଜକୁ ସଂପର୍କିତ କରିପାରିବେ ।

ପାଠ ଯୋଜନାରେ ଆପଣଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ ପ୍ରତ୍ୟେକ କାର୍ଯ୍ୟ ପାଇଁ ଯଥେଷ୍ଟ ସମୟ ଦିଆଯାଇଛି ଓ ଏଥି ସହିତ ସକ୍ରିୟ ଦଳଗତ କାର୍ଯ୍ୟ ଓ ବାସ୍ତବ କାର୍ଯ୍ୟ ପାଇଁ ସଫଳ ପ୍ରସ୍ତୁତି ନିମିତ୍ତ ମଧ୍ୟ ସମୟର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ଫଳରେ ଆବଶ୍ୟକୀୟ ସମୟ ସୁଯୋଗ ମିଳିପାରିବ । ଯୋଜନାର ଅଂଶ ଭାବରେ ବଡ ଶ୍ରେଣୀପାଇଁ ଉପକରଣ ସଂଗ୍ରହରେ ଆପଣ ଭିନ୍ନ ଭିନ୍ନ ପ୍ରଶ୍ନ ପ୍ରସ୍ତୁତି ଓ ବିଭିନ୍ନ ଦଳ ପାଇଁ କାର୍ଯ୍ୟ ପ୍ରସ୍ତୁତି କରିବାରେ ସମୟ ମଧ୍ୟ ଆବଶ୍ୟକ କରିପାରନ୍ତି ।

ଆପଣ ଯେତେବେଳେ ନୂଆ ପ୍ରସଙ୍ଗ ଶିକ୍ଷାଦାନ କରନ୍ତି, ଏହି ପରିପ୍ରେକ୍ଷୀରେ ଆପଣ ନିଜକୁ ଦୃଢ କରିବା ପାଇଁ ଆପଣ ସମୟ ନେଇ ପାରନ୍ତି ଓ ନିଜ ସହକର୍ମୀମାନଙ୍କ ମଧ୍ୟରେ ଧାରଣାର ବିନିମୟ କରିପାରନ୍ତି ।

ତିନି ଭାଗରେ ଆପଣ ପାଠ ପ୍ରସ୍ତୁତି କରିବା ଚିନ୍ତା କରନ୍ତୁ । ଏହି ଭାଗଗୁଡ଼ିକ ସଂପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

## ୧. ଉପକ୍ରମ

ପାଠର ଆରମ୍ଭରେ ଶିକ୍ଷାର୍ଥୀମାନଙ୍କୁ ବୁଝାନ୍ତୁ ସେମାନେ ଯାହା ଶିଖିବେ ଓ କରିବେ । ଏହାଦ୍ୱାରା ସେମାନଙ୍କଠାରୁ ଯାହା ଅଶା କରାଯାଉଛି ତାହା ପ୍ରତ୍ୟେକ ଜାଣି ପାରିବେ । ସେମାନେ ଯାହା ଜାଣିଛନ୍ତି ତାହାକୁ ବିନିମୟ କରିବାର ସୁଯୋଗ ଦେଇ ଶିକ୍ଷାର୍ଥୀମାନଙ୍କୁ ଶିଖିବାକୁ ଥିବା ବିଷୟରେ ଉତ୍ସାହିତ କରନ୍ତୁ । ଏହାଦ୍ୱାରା ସେମାନେ ପୂର୍ବ ଅଭିଜ୍ଞତାର ବିନିଯୋଗ ପୂର୍ବକ ନୂତନ କାର୍ଯ୍ୟରେ ନିଜକୁ ଭାଗୀଦାର କରିପାରିବେ ।

## ୨. ପାଠର ମୁଖ୍ୟ ଅଂଶ ସଂପର୍କରେ

ଶିକ୍ଷାର୍ଥୀମାନେ ପ୍ରସଂଗ ସଂପର୍କିତ ଜାଣିଥିବା ଅନୁଭୂତିର ଏକ ନକ୍ସା ତିଆରି କରନ୍ତୁ । ସ୍ଥାନୀୟ ସମ୍ବଳର ବିନିଯୋଗ , ନୂତନ ସୂଚନାର ପ୍ରୟୋଗ ବା ସମସ୍ୟା ସମାଧାନ ଓ ଦଳଗତ କାର୍ଯ୍ୟ ଭଳି ସକ୍ରିୟ ପଦ୍ଧତିର ସାମିଲ ସଂପର୍କରେ ଆପଣ ସ୍ଥିର କରି ପାରିବେ । ବ୍ୟବହାର କରିବାକୁ ଥିବା ସମ୍ବଳର ଚିହ୍ନଟ କରନ୍ତୁ । ଏଥି ସହିତ ଆପଣଙ୍କ ଶ୍ରେଣୀ ଗୃହର ସ୍ଥାନକୁ କିପରି ବ୍ୟବହାର କରିବେ ତାହାର ଉପାୟ ମଧ୍ୟ ଚିହ୍ନଟ କରନ୍ତୁ । ପାଠଯୋଜନା ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବିଧ କାର୍ଯ୍ୟ, ସମ୍ବଳ ଓ ସମୟ ବ୍ୟବହାରକୁ ବିଚାରକୁ ନିଅନ୍ତୁ । ଯଦି ଆପଣ ବିବିଧ ପଦ୍ଧତି ଓ କାର୍ଯ୍ୟମାନ ବ୍ୟବହାର କରନ୍ତି, ତେବେ ଆପଣ ଅଧିକ ଶିକ୍ଷାର୍ଥୀମାନଙ୍କ ନିକଟରେ ପହଂଚି ପାରିବେ । କାରଣ ଏହା ସେମାନଙ୍କୁ ଭିନ୍ନ ଭିନ୍ନ ଉପାୟରେ ଶିଖିବାର ମାର୍ଗ ପ୍ରଦର୍ଶିତ କରିପାରିବ ଓ ସେମାନେ ଏହାର ବ୍ୟବହାର କରି ଭିନ୍ନ ଭିନ୍ନ ଉପାୟରେ ଶିଖିବେ ।

## ୩.ପାଠର ଶେଷ ଭାଗ- ଶିକ୍ଷଣର ତଦାରଖ

କେତେ ଅଭିବୃଦ୍ଧି ହାସଲ ହୋଇଛି ତାହା ଜାଣିବା ପାଇଁ (ପାଠର ମଧ୍ୟରେ ବା ଶେଷରେ) ସମୟ ଦିଅନ୍ତୁ । ତଦାରଖ କରିବା ସବୁବେଳେ ପରୀକ୍ଷାକୁ ବୁଝାଇନଥାଏ । ସାଧାରଣତଃ ଏହା ତତ୍‌କ୍ଷଣାତ୍ ବା ସେହି ସ୍ଥାନରେ ସଂଗଠିତ ହୋଇଥାଏ । ଯଥା ଯୋଜନାବଦ୍ଧ ପ୍ରଶ୍ନ ସମୂହ ବା ଶିକ୍ଷାର୍ଥୀମାନେ ଯାହା ଶିଖିଛନ୍ତି ତାହା ଉପରେ ପ୍ରଦର୍ଶନକୁ ପର୍ଯ୍ୟବେକ୍ଷଣ । କିନ୍ତୁ ଆପଣଙ୍କୁ ନମନୀୟ ହେବାକୁ ଯୋଜନା କରିବାକୁ ପଡ଼ିବ ଓ ଶିକ୍ଷାର୍ଥୀମାନଙ୍କ ପ୍ରତିକ୍ରିୟାରୁ ଆପଣ ଯାହାପାଇଲେ ସେହି ଅନୁସାରେ ପରିବର୍ତ୍ତନ ମଧ୍ୟ କରିବାକୁ ପଡ଼ିବ ।

ପାଠକୁ ସମାପ୍ତ କରିବାର ଏକ ଭଲ ଉପାୟ ହେଉଛି ପ୍ରାରମ୍ଭରେ ଥିବା ଲକ୍ଷ୍ୟକୁ ଫେରିବା ଓ ଏଥି ସହିତ ଶିକ୍ଷାର୍ଥୀମାନଙ୍କୁ ନିଜ ନିଜ ଭିତରେ ଓ ଆପଣଙ୍କ ସହିତ ଶିକ୍ଷଣ ସଂପର୍କରେ ସେମାନଙ୍କ ଅଭିବୃଦ୍ଧି ବିଷୟରେ କହିବାକୁ ସମୟ ଦେବା । ଶିକ୍ଷାର୍ଥୀମାନଙ୍କୁ ଶୁଣିବା ଆପଣଙ୍କୁ ପରବର୍ତ୍ତୀ ପାଠ ଯୋଜନା ପ୍ରସ୍ତୁତି କରିବାରେ ନିଶ୍ଚିତ କରିପାରିବ ।

## ପାଠର ଅନୁଶୀଳନ

ପ୍ରତ୍ୟେକ ପାଠର ପଶ୍ଚାଦଲୋକନ କରନ୍ତୁ । ଏଥିସହିତ ଆପଣ କ'ଣ କଲେ, ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଶିଖିଲେ, କ'ଣ ସମ୍ବଳ ସବୁ ବ୍ୟବହୃତ ହେଲା ଓ କେତେ ସୁନ୍ଦର ଭାବରେ ଏହା ପରିଚାଳିତ ହେଲା, ତାହାର ଏକ ଲେଖା ପ୍ରସ୍ତୁତ କରି ରଖନ୍ତୁ । ଏହାଦ୍ୱାରା ଆପଣ ପରବର୍ତ୍ତୀ ଅଭିବୃଦ୍ଧି ବା ଆପଣଙ୍କ ଯୋଜନାରେ ସମଯୋଜନ କରିପାରିବେ ଯେତେବେଳେ ପରବର୍ତ୍ତୀପାଠଗୁଡ଼ିକୁ ବିଚାରକୁ ନେବେ । ଉଦାହରଣ ସ୍ୱରୂପ ଆପଣ ନିମ୍ନକାର୍ଯ୍ୟଗୁଡ଼ିକୁ କରିବାକୁ ସ୍ଥିର କରିପାରିବେ-

- କାର୍ଯ୍ୟଗୁଡ଼ିକରେ ଭିନ୍ନତା ବା ପରିବର୍ତ୍ତନ
- ମୁକ୍ତ ଓ ନିର୍ଦ୍ଦିଷ୍ଟ ପ୍ରଶ୍ନାବଳୀ ପ୍ରସ୍ତୁତି
- ଯେଉଁ ଶିକ୍ଷାର୍ଥୀମାନେ ଅଧିକ ସହାୟତା ଆବଶ୍ୟକ କରନ୍ତି ସେମାନଙ୍କ ସହ ପ୍ରତିକାର ମୂଳକ ଅଧିବେଶନ ଆୟୋଜନ

ଆପଣ କ'ଣ ଯୋଜନା କରିପାରିବେ ଚିନ୍ତା କରନ୍ତୁ ବା ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପାଇଁ ଏହାଠାରୁ ଉତ୍ତମ କ'ଣ କରିପାରିବେ ।

ଆପଣ ପାଠରେ ଯେତେ ଆଗକୁ ଯିବେ ଆପଣଙ୍କ ପାଠଯୋଜନାରେ ପରିବର୍ତ୍ତନ ଆସିବ କାରଣ ଯାହା ଘଟିବ ତାହା ଆପଣ ପୂର୍ବରୁ ସ୍ଥିର କରିପାରିବେ ନାହିଁ । ଭଲ ଯୋଜନା ଅର୍ଥ ଘଟିବାକୁ ଥିବା ଶିକ୍ଷଣ ସଂପର୍କରେ ଆପଣ  ଜାଣିପାରିବେ ଓ ଏହାଦ୍ୱାରା ଆପଣ ନମନୀୟ ଭାବରେ ଶିକ୍ଷାର୍ଥୀମାନଙ୍କର ପ୍ରକୃତ ଶିକ୍ଷଣ ବିଷୟରେ ଯାହା ଫଳାଫଳ ପାଇବେ ସେଥିପାଇଁ ନିଜର ପ୍ରତିକ୍ରିୟା ପ୍ରକାଶ କରିବାକୁ ପ୍ରସ୍ତୁତ ହେବେ ।

## Additional resources

- A language activity using newspapers: http://www.teachersofindia.org/en/article/classroomsparkler-newspaper
- Some writing resources can be found on the Azim Premji Foundation website:http://www.azimpremjifoundation.org/E-learning_Resources
- You may be able to find some resources on the NUEPA website: http://www.nuepa.org/
- Support for teachers can be found on the Teacher Education website of MHRD:http://www.teindia.nic.in

## References/bibliography

Black Country Children's Services Improvement Partnership (undated) *Black Country Challenge KS1 & 2Writing Project 2009/2010* (online). Wolverhampton: Black Country Children's Services ImprovementPartnership. Available from:http://www.gillmatthews.co.uk/images/downloads/bcc%20writing%20project_FINAL.PDF (accessed 29October 2014).

Katahira, J. (undated) 'Note writing in the primary classroom' (online), Read Write Think. Available from:http://www.readwritethink.org/classroom-resources/lesson-plans/note-writing-primary-classroom-285.html?tab=4#tabs (accessed 29 October 2014).

Kopp, K. (2008a) *Learning through Writing, Grade 3: Authentic Writing Activities for the Content Areas*. Gainsville, FL: Maupin House Publishing.

Kopp, K. (2008b) *Learning through Writing, Grade 5: Authentic Writing Activities for the Content Areas*. Gainsville, FL: Maupin House Publishing.

Lidvall, C.D. (2008) *Get Real: Instructional Implications for Authentic Writing Activities* (online), DiscoverArchive, Vanderbilt University. Available from:http://discoverarchive.vanderbilt.edu/bitstream/handle/1803/789/CarlyLidvallCapstone.pdf?sequence=1(accessed 29 October 2014).

O'Sullivan. O. (2007) *Understanding Spelling, London: Centre for Literacy in Primary Education*.

Pavlock, K. (undated) 'Writing for the real world' (online), ReadWriteThink. Available from:http://www.readwritethink.org/parent-afterschool-resources/tips-howtos/writing-real-world-30115.html(accessed 29 October 2014).

Wilcox, A. (undated) 'Literary resource: writing for purpose' (online), Teach Primary. Available from:http://www.teachprimary.com/learning_resources/view/literacy-resource-writing-for-purpose (accessed29 October 2014).

# Acknowledgements

This content is made available under a Creative Commons Attribution-ShareAlike licence(http://creativecommons.org/licenses/by-sa/3.0/), unless identified otherwise. The licence excludes theuse of the TESS-India, OU and UKAID logos, which may only be used unadapted within the TESS-Indiaproject.

Every effort has been made to contact copyright owners. If any have been inadvertently overlooked thepublishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers andstudents across India who worked with The Open University in the productions.